# ପ୍ରେମ ବାହିନୀ



## ଭଗବାନ ଶ୍ରୀ ସତ୍ୟସାଇ ବାବା

Scanned by TapScanner

## ସାଧକ ପାଇଁ 'ଆଜି'ଟା ତା'ର, କିନ୍ତୁ ଆସନ୍ତାକାଲି... ?

ଶିବଙ୍କ ପରି ଯମ ମଧ୍ୟ ସର୍ବବ୍ୟାପୀ । ଯମ ଦେହ ସହ ସଂପୃକ୍ତ, ଜୀବକୁ ସେ ପ୍ରଭାବିତ କରିପାରନ୍ତି ନାହିଁ । ଶିବଙ୍କର ସମ୍ପର୍କ ଜୀବ ସହିତ କିନ୍ତୁ ସେ ଦେହକୁ ଅନନ୍ତକାଳ ଯାଏ ବଞ୍ଚି ରହିବାକୁ ଅନୁମତି ଦିଅନ୍ତି ନାହିଁ । ଆପଣାର ପ୍ରକୃତ ସ୍ୱରୂପକୁ ଜାଣିବା ନିମନ୍ତେ ଦେହ ହେଲା ଜୀବର ଏକ ଅତ୍ୟାବଶ୍ୟକ ବାହନ । ମାତ୍ର କିଏ ଜାଣେ ସେ କେତେବେଳେ ତା'ର ପ୍ରଭୁ ଯମରାଜାଙ୍କ ସୁଦୃଷ୍ଟିରେ ପଡ଼ିଯିବ । କିଏ ଜାଣେ କେତେବେଳେ ତାଙ୍କର କାଳଫାଶ ଏ ଦେହକୁ ଛନ୍ଦି ପକାଇବ ? ତେଣୁ ଏଇ ସତର୍କବାଣୀ ମନେରଖି ସହଜ ବିନାଶର ଅଧୀନ ଏ ଦେହ ଦ୍ୱାରା ଭାରାକ୍ରାନ୍ତ ଜୀବୀ ଏଇ ମୁହୂର୍ତ୍ତରେ ହିଁ ଶିବଙ୍କ ସହ ଲୀନ ହୋଇଯିବାକୁ ଉତ୍ସୁକ ହୋଇ ରହିବା ଦରକାର । ଅତୀତରୁ ଗୋଟିଏ ହେଲେ ମୁହୂର୍ତ୍ତକୁ ଫେରାଇ ଆଣିହେବ ନାହିଁ । ଲୋକେ ସାଧାରଣତଃ ଗତକାଲିର କାମ ଆଜିକୁ ଓ ଆଜିର କାମ ଆସନ୍ତାକାଲିକୁ ରଖି କର୍ତ୍ତବ୍ୟରେ ହେଳା କରିଥାନ୍ତି ମାତ୍ର ସାଧନା ଏମିତି ହୋଇପାରେନା । ସାଧକ ନିମନ୍ତେ 'ଗତକାଲି' ଓ 'ଆସନ୍ତା କାଲି'ର କିଛି ଅର୍ଥ ନାହିଁ, ବର୍ତ୍ତମାନ ମୁହୂର୍ତ୍ତ ହିଁ ତା'ର ସବୁକିଛି । ଯେଉଁ ମୁହୂର୍ତ୍ତଟି ଚାଲିଯାଇଛି, ତାହା ତୁମ ହାତମୁଠାରୁ ଖସିଯାଇଛି, ଆଉ ଯେଉଁ ମୁହୂର୍ତ୍ତଟି ବା ଆସୁଛି, ତାହା ତ ତୁମର ନୁହେଁ । ଯେଉଁ ଜୀବୀ ଏହାକୁ ହୃଦୟରେ ଲିପିବଦ୍ଧ କରି ରଖିଛି, ସେ ସହଜରେ ଶିବ-ଲୀନ ହୋଇପାରେ । ଏ ସତ୍ୟକୁ ଅନ୍ତରରେ ଅନୁଭବ ନକଲେ ଜୀବୀ ଶରୀରକୁ ହିଁ ସର୍ବପ୍ରଧାନ ବୋଲି ଭାବେ ଏବଂ ଆଜି ଓ କାଲିର ଚିନ୍ତା ଓ କଳ୍ପନାରେ ବୁଡ଼ିରହେ । ଏହିପରି ଭାବରେ ସେ ସଂସାରର ବନ୍ଧନ ଓ ଆସକ୍ତି ତିଆରି କରି ବାରମ୍ବାର ଯମଦର୍ଶନ କରୁଥିବା ଦେହ ଧରି ବାରମ୍ବାର ଜନ୍ମଗ୍ରହଣ କରୁଥାଏ । ଯମଦର୍ଶନ ନୁହେଁ, ଶିବଦର୍ଶନ ହିଁ ସାଧକର ଅଧିକାର । ସେ କେବେହେଲେ ଯମଦର୍ଶନ ଚାହେଁନା, ହୁଏତ ଯମକଥା ଚିନ୍ତା ବି କରେ ନାହିଁ । ଯେଉଁମାନେ ଦେହ ସହ ଜୀବୀର ଏ ସମ୍ପର୍କ ଜାଣିଛନ୍ତି, କେବଳ ସେଇମାନେ ହିଁ ପ୍ରକୃତ ମଣିଷ । ଆଉ ଯେଉଁମାନେ ଏ ସତ୍ୟ ଉପଲବ୍ଧି କରିଛନ୍ତି, ସେମାନେ ସାଧନାରେ ତିଳେମାତ୍ର ପଛଘୁଞ୍ଚା ଦିଅନ୍ତି ନାହିଁ । ଆଜିକାଲି କ୍ଷଣସ୍ଥାୟୀ ଭୋଗବିଳାସର ସୁଖରେ ମଣିଷ ସନ୍ତୁଷ୍ଟ । ଜୀବନରେ ପ୍ରକୃତ ବିଶ୍ରାମ କ'ଣ ସେ ଜାଣୁନାହିଁ । ରାତ୍ରି ସୁଷୁପ୍ତିରେ ଏବଂ ଦିବସ ପାନ-ଭୋଜନରେ କଟାଇ ମଣିଷ ତା'ର

Scanned by TapScanner

ଜୀବନ ଅତିବାହିତ କରୁଛି, ଆଉ ଶେଷ ବୟସରେ ମୃତ୍ୟୁ ଚିନ୍ତାରେ ଅଧୀର ହେଉଛି । ସେତେବେଳେ ସେ କ'ଣ କରିବ ବା କେଉଁଆଡ଼େ ଯିବ ବିଚାର କରିପାରେନା, ଇନ୍ଦ୍ରିୟଗୁଡ଼ିକର ବୋଧଶକ୍ତି କ୍ରମଶଃ ଦୁର୍ବଳ ହୋଇଯାଏ ଏବଂ ଶେଷରେ ଅସହାୟ ମାଂସ ପିଣ୍ଡୁଳାଟିଏ ପରି ସେ ମୃତ୍ୟୁର କରାଳ ଦନ୍ତାଘାତରେ ନିଃଶେଷ ହୋଇଯାଏ । ଏଥିରୁ ମଣିଷକୁ କେହି ରକ୍ଷା କରି ପାରନ୍ତି ନାହିଁ ।

ବହୁମୂଲ୍ୟ ହୀରକ ଖଣ୍ଡ ପରି ଅମୂଲ୍ୟ ମନୁଷ୍ୟ ଜୀବନ ଆଜି ଗୋଟିଏ ଅଚଳ ମୁଦ୍ରା ପରି ମୂଲ୍ୟହୀନ ହୋଇପଡ଼ିଛି । ସତରେ, ଏହା କେଡ଼େ ଦୁଃଖର କଥା । ଈଶ୍ୱର ଚିନ୍ତା ନକରି ବା ଈଶ୍ୱରପ୍ରାପ୍ତି ନିମନ୍ତେ କିଛି ମାତ୍ର ସାଧନା ନ କରି ନିଷ୍ଫଳ ଭାବରେ ସମୟ କାଟି ସାରିବା ପରେ ଆଉ ଅନୁତାପରେ ଲାଭ କ'ଣ ? ଘର ପୋଡ଼ିଗଲା ବେଳେ କୂଅ ଖୋଳିବାର ଚିନ୍ତା ବୃଥା ନୁହେଁ କି ? କୂଅ ଖୋଳିବ କେବେ, ପାଣି ମିଳିବ କେବେ, ଆଉ ତୁମେ ନିଆଁ ଲିଭାଇବ କେତେବେଳେ ? ଏହା ସଂପୂର୍ଣ୍ଣ ଅସମ୍ଭବ । ଘରେ ନିଆଁ ଲାଗିବାବେଳେ ଯଦି ଆଗରୁ କୂଅଟିଏ ଖୋଳା ହୋଇ ଥାଆନ୍ତା ତେବେ ଏ ସଙ୍କଟରେ ତାହା କେତେ ସାହାଯ୍ୟ କରି ନଥାନ୍ତା ! ଜୀବନର ଶେଷ ମୁହୂର୍ତ୍ତରେ ଈଶ୍ୱରଚିନ୍ତା ଘର ପୋଡ଼ିଗଲାବେଳେ କୂଅ ଖୋଳିବା ପରି । ତେଣୁ ଏଇ ମୁହୂର୍ତ୍ତରେ ହିଁ ବିଭୁଚିନ୍ତାରେ ପ୍ରସ୍ତୁତ ହୋଇ ରହିଲେ ଶେଷ ସମୟରେ ତାହା ତୁମକୁ ଅନେକ ସାହାଯ୍ୟ କରିବ । ଆସନ୍ତାକାଲିର ସାଧନାକୁ ଆଜିଠାରୁ ଆରମ୍ଭ କର । ଆଜି ଯେଉଁ ସାଧନା ଆରମ୍ଭ କରିବା କଥା, ତାହା ବର୍ତ୍ତମାନ ମୁହୂର୍ତ୍ତରୁ ହିଁ ଆରମ୍ଭ କର । ଠିକ୍ ପର ମୁହୂର୍ତ୍ତରେ ତୁମ ପାଇଁ କ'ଣ ଅଛି ତାହା ତୁମେ ଜାଣ ନାହିଁ । ତେଣୁ ଯେଉଁ ସାଧନା ତୁମକୁ ଅବଶ୍ୟ କରିବାକୁ ପଡ଼ିବ, ସେଥିରେ ଆଦୌ ହେଳା କର ନାହିଁ । ସାଧନା ପାଇଁ ଦେହର ଶକ୍ତି ମଧ୍ୟ ଦରକାର, ତେଣୁ ଦେହର ମଧ୍ୟ ଯତ୍ନ ନେବାକୁ ହେବ । ମାତ୍ର ଦେହ ପ୍ରତି ଅତି ବେଶି ଶ୍ରଦ୍ଧା ଓ ମମତା ଏହାର କ୍ଷତିସାଧନ କରେ । ଯେତିକି ଆବଶ୍ୟକ କେବଳ ସେଇ ସୀମା ଭିତରେ ଦେହର ଯତ୍ନନେବା ଉଚିତ ।

Scanned by TapScanner